# ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ସୂଚନା

ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ପୋଲିସ ଥାନା ଗୁଡିକରେ ଗୃହରକ୍ଷୀ ପଦବୀ ନିମ୍ନଲିଖିତ ସଂଖ୍ୟାରେ ଖାଲି ଅଛି। ଇଚ୍ଛୁକ ବ୍ୟକ୍ତି ମାନେ ନିର୍ଦ୍ଧାରିତ ଦରଖାସ୍ତରେ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି । ଯୋଗ୍ୟ ଏବଂ ଇଚ୍ଛୁକ ବ୍ୟକ୍ତି ସିଧାସଳଖ "ଦୁର୍ଗପତି, ଗୃହରକ୍ଷୀ ବାହିନୀ କାର୍ଯ୍ୟାଳୟ, ନୟାଗଡ଼ ଥାନା ପାଖ, ନୟାଗଡ଼, ୭୫୨୦୬୯" ଠିକଣାରେ ସେମାନଙ୍କର ଆବେଦନ ପଠାଇପାରିବେ । ଆବେଦନ ୨୦.୦୨.୨୦୨୫ ରୁ ୦୫.୦୩.୨୦୨୫ ପର୍ଯ୍ୟନ୍ତ ଗ୍ରହଣ କରାଯିବ | ନିଯୁକ୍ତି ପରୀକ୍ଷା ସମୟରେ ସେମାନେ ମୂଳ ପ୍ରମାଣପତ୍ର ଗୁଡିକ ଦେଖାଇବେ । ଆବେଦନର ଶେଷ ତାରିଖ ପରେ ଏବଂ ପ୍ରାପ୍ତ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ନିଯୁକ୍ତି ପରୀକ୍ଷା କେଉଁଠି ଏବଂ କେବେ ଅନୁଷ୍ଠିତ ହେବ ଏହା ପୂର୍ବରୁ ଆବେଦନକାରୀମାନଙ୍କୁ ଜଣାଇ ଦିଆଯିବ। କମ୍ପ୍ୟୁଟର, ବାହାନ ଚାଳକ, ବିଦ୍ୟୁତ ମିସ୍ତ୍ରୀ, ପାଇପ ମିସ୍ତ୍ରୀ, ରୋଷେୟା, ବଢ଼ିଆ, ରାଜମିସ୍ତ୍ରୀ ଇତ୍ୟାଦି ଦକ୍ଷତାରେ ଜ୍ଞାନ ଏବଂ ବ୍ୟବହାରିକ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ନମ୍ବରରେ ଗୁରୁତ୍ବ ଦିଆଯିବ। ପଞ୍ଜୀକୃତ ବ୍ୟକ୍ତି ସେମାନଙ୍କର ସେବା ପ୍ରଦାନ କରିବା ଦିନ ପାଇଁ ଡ୍ୟୁଟି କଲ୍ ଭତ୍ତା (DCA) ଭାବରେ ପ୍ରତିଦିନ ଟଙ୍କା ୬୧୨ ପାଇବେ ।

ଆବେଦନ ଫର୍ମଗୁଡ଼ିକ ଏହି ଜିଲ୍ଲାର ସମସ୍ତ ଥାନା ଓ ଫାଣ୍ଡି ମାନଙ୍କରେ ଉପଲବ୍ଧ ଅଛି ।

| ଥାନା ର ନାମ | ଖାଲି ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା | |
|---|---|---|
| | ପୁରୁଷ ଗୃହରକ୍ଷୀ | ମହିଳା ଗୃହରକ୍ଷୀ |
| ନୟାଗଡ଼ ଥାନା | ୦୨ | ୦୧ |
| ଖଣ୍ଡପଡା ଥାନା | ୦୨ | |
| ଫତେଗଡ ଥାନା | ୦୫ | |
| ଗଣିଆ ଥାନା | ୦୪ | |
| ଦଶପଲା ଥାନା | ୦୪ | |
| ଶରଣକୁଳ ଥାନା | ୦୫ | ୦୧ |
| ଓଡଗାଁ ଥାନା | ୦୪ | |
| ନୂଆଗାଁ ଥାନା | ୦୪ | |
| ରଣପୁର ଥାନା | ୦୬ | |
| ସମୁଦାୟ | ୩୬ | ୦୨ |

ଯୋଗ୍ୟତା

**ଆବେଦନ କରିବା ପାଇଁ ଜଣେ ପ୍ରାର୍ଥୀଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :**

୧ ପ୍ରାର୍ଥୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨ ପ୍ରାର୍ଥୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୩ ପ୍ରାର୍ଥୀ ଅତି କମରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ ।

୪ ପ୍ରାର୍ଥୀ ଓଡ଼ିଆ ଭାଷା ପଢ଼ି, ଲେଖି ଏବଂ କହିପାରୁଥିବେ ।

୫ ପ୍ରାର୍ଥୀ ଜଣେ ଭଲ ନୈତିକ ଚରିତ୍ରର ଅଧିକାରୀ ହୋଇଥିବେ ଏବଂ ସେ କୌଣସି ଫୌଜଦାରୀ ମାମଲାରେ ବିଚାରର ସମ୍ମୁଖୀନ ହୋଇନଥିବେ କିମ୍ବା କୌଣସି ଫୌଜଦାରୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇନଥିବେ ।

୬ ପ୍ରାର୍ଥୀ ଜଣେ ସୁସ୍ଥ ଏବଂ ସ୍ବାସ୍ଥ୍ୟବାନ ଶରୀରର ଅଧିକାରୀ ହୋଇଥିବେ ଏବଂ ତାଙ୍କୁ କୌଣସି ଜଟିଳ ଶାରୀରିକ ସମସ୍ୟା ନ ଥିବ ।

**ଆବେଦନକାରୀଙ୍କୁ କେଉଁ କାଗ୍ରଜ ପତ୍ର ଦରଖାସ୍ତ ସହିତ ସଂଲଗ୍ନ କରିବାକୁ ପଡିବ:**

୧. ଆବାସିକ ପ୍ରମାଣପତ୍ର ।

୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।

୩. ଚାରି ଗୋଟି ପାସପୋର୍ଟ ଆକାରର ନିଜ ଫଟୋ ।

୪. ବୈଷୟିକ ଦକ୍ଷତା ପ୍ରମାଣପତ୍ରର ନକଲ (ଯଦି ଥାଏ) ।

୫. ବାହାନ ଚାଳକ ପ୍ରମାଣପତ୍ରର ନକଲ (ଯଦି ଥାଏ) ।

ଦୁର୍ଗପତି, ଗୃହରକ୍ଷୀ ବାହିନୀ

ନୟାଗଡ଼